ନୋଟିସ୍ ନଂ: 1295

ତାରିଖ: 10/03/2026

# ବିଜ୍ଞପ୍ତି

ଏତ୍ ଦ୍ୱାରା ଶ୍ରୀ କୁଳମଣି ରଥ, ପିତା- ଶ୍ରୀ ହରିହର ରଥ, ଗ୍ରାମ-ଗୋପିକାନ୍ତପୁର, ପୋ-ନୟାହାଟ, ଥାନା-କାକଟପୁର, ଜି-ପୁରୀ (ଓଡିଶା), ଜୁନିୟର ଆର୍ଟିସାନ୍-ବି, ଓ.ଏଚ.ପି.ସି ଲିମିଟେଡ ଇନ୍ଦ୍ରାବତୀ ପ୍ରକଳ୍ପ ଙ୍କୁ ଜଣାଇ ଦିଆଯାଉଛି କି, ସେ ଗତ ତା.23.08.2024 ରିଖ ଠାରୁ ବିନା କୌଣସି ଆଗୁଆ ସୂଚନା ବା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି ।

ଏହି ସମ୍ବନ୍ଧରେ ତାଙ୍କୁ ପୂର୍ବରୁ କାର୍ଯ୍ୟାଳୟ ପକ୍ଷରୁ ନିମ୍ନଲିଖିତ ପତ୍ର ମାଧ୍ୟମରେ କୈଫିୟତ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ତାଙ୍କର ଏହି ଅସଦାଚରଣ ପାଇଁ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା । କିନ୍ତୁ ଡାକ ବିଭାଗ, "ପ୍ରାପ୍ତକ ଉକ୍ତ ଗ୍ରାମରେ ସର୍ବଦା ଅନୁପସ୍ଥିତ" ବୋଲି ମନ୍ତବ୍ୟ ଦେଇ ଚିଠିଟି ଫେରାଇ ଦେଇଥିଲେ । ତେଣୁ ତାଙ୍କର ଗୋଟିଏ ବାର୍ଷିକ ଦରମା ବୃଦ୍ଧି (Periodical Increment) ବନ୍ଦ କରି ଦିଆଗଲା ।

1. ପତ୍ର ସଂଖ୍ୟା- 6528 (2) ତା.06.12.2024 ରିଖ
2. ଗୋପନୀୟ ପତ୍ର ସଂଖ୍ୟା- 5 (2) ତା.02.06.2025 ରିଖ
3. ପତ୍ର ସଂଖ୍ୟା- 748 ତା.10.02.2026 ରିଖ

ବାରମ୍ବାର ଚିଠି ପଠାଇବା ସତ୍ତ୍ୱେ ସେ ଏପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇନାହାନ୍ତି କିମ୍ବା ସନ୍ତୋଷଜନକ ଉତ୍ତର ରଖିନାହାନ୍ତି । ଏହା ନିଗମର ସେବା ନିୟମାବଳୀ (Conduct Rules) ର ଉଲ୍ଲଂଘନ ଅଟେ ।

ତାଙ୍କୁ ଶେଷ ସୁଯୋଗ ସ୍ୱରୂପ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର 7 (ସାତ) ଦିନ ମଧ୍ୟରେ ନିଜର କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଉଛି । ଯଦି ସେ ଉକ୍ତ ସମୟ ସୀମା ମଧ୍ୟରେ ଯୋଗ ନ ଦିଅନ୍ତି, ତେବେ ଧରି ନିଆଯିବ ଯେ ଚାକିରି କରିବାକୁ ଆଗ୍ରହୀ ନୁହନ୍ତି । ଏଭଳି ପରିସ୍ଥିତିରେ ତାଙ୍କ ବିରୁଦ୍ଧରେ ନିଗମର ନିୟମ ଅନୁଯାୟୀ ସେବା ନିବୃତ୍ତ (Termination) କିମ୍ବା କଠୋର ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ, ଯେଉଁଥିପାଇଁ ସେ ନିଜେ ଦାୟୀ ରହିବେ ।

**UNIT HEAD**
**UIHEP, MUKHIGUDA**